## ଜିଏମ୍‌ୟୁରେ ଓଡ଼ିଆ ସନ୍ଥ ସାହିତ୍ୟର ପରମ୍ପରା ଆଲୋଚନାଚକ୍ର

# 'ଜଗତର କଲ୍ୟାଣ ଯିଏ ଚାହେଁ, ସିଏ ସନ୍ଥ'



ସମ୍ବଲପୁର,୨୯(ବ୍ୟୁରୋ): ଓଡ଼ିଶାର ସନ୍ଥ ସାହିତ୍ୟ ପ୍ରାଚୀନ ଓ ଏହାର ଭିନ୍ନ ଏକ ମହତ୍ତ୍ୱ ରହିଛି। ଜଗତର କଲ୍ୟାଣ ହିଁ ସନ୍ଥ ପରମ୍ପରାର ମୂଳ ସିଦ୍ଧାନ୍ତ, ଏଥିପାଇଁ ଜଣେ ସନ୍ଥ ନର୍କରେ ମଧ୍ୟ ପଡ଼ିବାକୁ ଭୟ କରେନାହିଁ। ଦେଶର ଅନେକ ମହାନ ସନ୍ଥଙ୍କର ସାହିତ୍ୟ କ୍ଷେତ୍ରରେ ବରିଷ୍ଠ ଅବଦାନ ରହିଛି। ନିର୍ଭୀକତା ସନ୍ଥର ପ୍ରଧାନ ଲକ୍ଷଣ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ଗବେଷଣା କେନ୍ଦ୍ରରେ ଆୟୋଜିତ 'ଓଡ଼ିଆ ସନ୍ଥ ସାହିତ୍ୟ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ ଏହା କହିଛନ୍ତି।

କେନ୍ଦ୍ର ସାହିତ୍ୟ ଏକାଡେମୀ, କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମ ଭୋଇ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆନୁକୂଲ୍ୟରେ ଆୟୋଜିତ ଏହି ଏକଦିବସୀୟ କର୍ମଶାଳାରେ ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ତଥା ବିଶିଷ୍ଟ ସାହିତ୍ୟିକ ଡ. ଗୌରହରି ଦାସ ମୁଖ୍ୟଅତିଥି ଭାବେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର କୋଲକାତା ସଂସ୍ଥାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ସ୍ୱାଗତ ସମ୍ଭାଷଣରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସନ୍ଥ ସାହିତ୍ୟ ପରମ୍ପରାର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ପରିଷଦର ସଦସ୍ୟ ଡ.ମନୋଜ କୁମାର ପଣ୍ଡା ଓଡ଼ିଆ ସନ୍ଥ ସାହିତ୍ୟର ବିସ୍ତୃତି ଓ ପ୍ରବୃତ୍ତି ଉପରେ ଆଲୋକପାତ କରି ସନ୍ଥ ସାହିତ୍ୟ ଗବେଷଣା ଉପରେ ଗୁରୁତ୍ୱାରୋପ କରିଥିଲେ।

ବିଶିଷ୍ଟ ସାହିତ୍ୟିକ ପ୍ରଫେସର କାଳିଦାସ ମିଶ୍ର ଭିତ୍ତିପ୍ରବନ୍ଧ ପାଠ କରି କହିଥିଲେ, ପଞ୍ଚସଖା ସାହିତ୍ୟ ଓଡ଼ିଆ ସନ୍ଥ ସାହିତ୍ୟର ଚରମ ଉତ୍କର୍ଷ। ମାତ୍ର ଅଦ୍ୟାବଧି ଏହାର ପୂର୍ଣ୍ଣାଙ୍ଗ ଗବେଷଣା ହୋଇ ପାରିନାହିଁ। ତେଣୁ ଏଦିଗରେ ଗବେଷଣାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଏକାଡେମୀର ପ୍ରୟାସ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଏମୟୁ ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ସଭାସୀନ ହୋଇଥିଲେ। ଭୀମ ଭୋଇ ଗବେଷଣା କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡଃ ରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ। ପରବର୍ତ୍ତୀ ଦୁଇଟି ଅଧିବେଶନରେ ପଞ୍ଚଜଣ ଆଲୋଚକ ଅଧ୍ୟାପକ ଅଚ୍ୟୁତ ବିଶ୍ୱାଳ, ଡ.ଦ୍ୱାରିକାନାଥ ନାୟକ, ଡ. ସଂଘମିତ୍ରା ମିଶ୍ର, ଡ.ସୌରଭ ରଞ୍ଜନ ଖମାରୀ ଓ ଡ.ଶେଷନ ବିଶି ପ୍ରବନ୍ଧ ପାଠ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ ଓ ଡ.ପରୀକ୍ଷିତ ଭୋଇ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନଟି ପ୍ରଫେସର ସନ୍ତୋଷ କୁମାର ରଥଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ଡଃ ଲିପିକା ମିଶ୍ର ଧନ୍ୟବାଦ ଦେଇଥିଲେ।